# NATIONAL NEWS BULLETIN (ODIA)

## 3 April - 2025

## Morning Bulletin : 7.15 a.m.

***********************************

## ମୁଖ୍ୟ ସମ୍ବାଦ

- ଲୋକସଭାର ମଞ୍ଜୁରୀ ଲାଭ କଲା ୱାକ୍‌ଅଫ୍ ସଂଶୋଧନ ବିଧେୟକ ୨୦୨୫

- ୧୨ଘଣ୍ଟାରୁ ଅଧିକ ସମୟ ଧରି ବିତର୍କ ପରେ ହେଲା ଭୋଟ୍‌ଗ୍ରହଣ ।

- ବିଧେୟକ ସପକ୍ଷରେ ୨୮୮ ଓ ବିରୋଧରେ ଭୋଟ୍‌ଦେଲେ ୨୩୨ଜଣ ସଦସ୍ୟ ।

- ଷଷ୍ଠ ବିମ୍‌ଷ୍ଟେକ୍ ଶିଖର ସମ୍ମିଳନୀରେ ଯୋଗଦେବାଲାଗି ଦୁଇଦିନିଆ ଥାଇଲାଣ୍ଡ ଗସ୍ତରେ ଯାଉଛନ୍ତି ପ୍ରଧାନମନ୍ତ୍ରୀ ।

ଏବଂ

- ଆଇପିଏଲ୍ କ୍ରିକେଟରେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁକୁ ୮ ୱିକେଟ୍‌ରେ ପରାସ୍ତ କଲା ଗୁଜୁରାଟ ଟାଇଟନ୍ସ ।

# ଏଲ୍‌ଏସ୍ ପାସେସ ୱାକ୍‌ଅଫ୍ ବିଲ୍

ଲୋକସଭାରେ ୱାକ୍‌ଅଫ୍ ସଂଶୋଧନ ବିଧେୟକ ୨୦୨୫ ମଞ୍ଜୁରୀଲାଭ କରିଛି । ବିରୋଧୀଙ୍କ ଦ୍ୱାରା ଆଗତ ସଂଶୋଧନ ପ୍ରସ୍ତାବକୁ ପ୍ରତ୍ୟାଖାନ କରି ଲୋକସଭା ଏହି ବିଧେୟକ ସପକ୍ଷରେ ମତଦାନ କରିଛି । ବିଧେୟକ ସପକ୍ଷରେ ୨୮୮ଜଣ ସଦସ୍ୟ ଭୋଟ୍ ଦେଇଥିବାବେଳେ ଏହା ବିରୋଧରେ ୨୩୨ଜଣ ସଦସ୍ୟ ଭୋଟ୍ ଦେଇଥିଲେ । ଏହି ବିଧେୟକ ଉପରେ ୧୨ଘଣ୍ଟାରୁ ଅଧିକ ସମୟ ଧରି ବିତର୍କ ହୋଇଥିଲା ।

ୱାକଅଫ୍ ସଂଶୋଧନ ବିଲ୍ ୨୦୨୫ର ଉଦ୍ଦେଶ୍ୟ ହେଉଛି ୱାକ୍‌ଅଫ୍ ସମ୍ପତ୍ତି ପରିଚାଳନାକୁ ଶୃଙ୍ଖଳିତ କରିବା, ଐତିହ୍ୟ ସ୍ଥଳଗୁଡ଼ିକର ସୁରକ୍ଷା ଏବଂ ସାମାଜିକ କଲ୍ୟାଣକୁ ପ୍ରୋତ୍ସାହିତ କରିବା । ଏହି ବିଲ୍‌ରେ ୱାକଅଫ୍ ବୋର୍ଡ ଏବଂ ଅନ୍ୟ ଅଂଶୀଦାରଙ୍କ ମଧ୍ୟରେ ସମନ୍ୱୟକୁ ଶୃଙ୍ଖଳିତ କରିବା ସହିତ ପରିଚାଳନାଗତ ବ୍ୟବସ୍ଥାରେ ଉନ୍ନତି ଆଣିବା ଲାଗି ବ୍ୟବସ୍ଥା କରାଯାଇଛି । ଅନ୍ୟପକ୍ଷରେ ମୁସଲମାନ ମହିଳା ବିଶେଷକରି ବିଧବା ଏବଂ ଛାଡପତ୍ର ପାଇଥିବା ମହିଳାମାନଙ୍କ ଆର୍ଥିକ ଓ ସାମାଜିକ ସ୍ଥିତିରେ ଉନ୍ନତି ଆଣିବାଲାଗି ଏହି ବିଲ୍‌ରେ ବ୍ୟବସ୍ଥା କରାଯାଇଛି । ୱାକ୍‌ଅଫ୍

ବୋର୍ଡ ପରିଚାଳନା ଏବଂ ନୀତିଗତ ନିଷ୍ପତ୍ତି କ୍ଷେତ୍ରରେ ମୁସଲମାନ ସମ୍ପ୍ରଦାୟର ପ୍ରତିନିଧିତ୍ୱକୁ ଏହି ବିଲ୍‌ରେ ଅଗ୍ରାଧିକାର ଦିଆଯାଇଛି ।

ବିଲ୍ ଉପରେ ଲୋକସଭାରେ ହୋଇଥିବା ବିତର୍କର ଉତ୍ତରରେ କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ଅଣ ମୁସଲମାନ ମାନେ ୱାକ୍‌ଅଫ୍ ବୋର୍ଡ ପରିଚାଳନାରେ ହସ୍ତକ୍ଷେପ କରିବେ ବୋଲି ଯେଉଁ ଧାରଣା ସୃଷ୍ଟି କରାଯାଉଛି ତାହା ସମ୍ପୂର୍ଣ୍ଣ ଭୂଲ୍ । ସେ କହିଛନ୍ତି ଭାରତ ସଂଖ୍ୟାଲଘୁଙ୍କ ପାଇଁ ବିଶ୍ୱର ସବୁଠାରୁ ସୁରକ୍ଷିତ ଦେଶ । ସରକାର ସଂଖ୍ୟାଲଘୁ ବିରୋଧୀ ବୋଲି ଯେଉଁ ଅଭିଯୋଗ ବିରୋଧୀଦଳ ଗୁଡ଼ିକ କରୁଛନ୍ତି, ସେସବୁକୁ ଖଣ୍ଡନ କରି ଶ୍ରୀ ରିଜିଜୁ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ସବୁଠାରୁ କ୍ଷୁଦ୍ର ସଂଖ୍ୟାଲଘୁ ସମ୍ପ୍ରଦାୟର ପାର୍ସୀମାନଙ୍କର ମଧ୍ୟ ବିକାଶ ଲାଗି ପଦକ୍ଷେପ ନେଇଛନ୍ତି । ବିରୋଧୀ ସଦସ୍ୟମାନେ ୱାକ୍‌ଅଫ୍ ସଂଶୋଧନ ବିଧେୟକକୁ ଅସାମ୍ବିଧାନିକ ବୋଲି କହିଥିବାବେଳେ ଏହାର ଉତ୍ତରରେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କହିଛନ୍ତି ଯଦି ଏହା ଅସାମ୍ବିଧାନିକ ତେବେ ନ୍ୟାୟାଳୟ ଏହାକୁ କାହିଁକି ଖାରଜ କଲେ ନାହିଁ ଏବଂ ବିଧେୟକକୁ ଅସାମ୍ବିଧାନିକ କହିବା ପଛରେ କେଉଁ କାରଣ ରହିଛି ତାହା ବିରୋଧୀ ସଦସ୍ୟମାନେ ଦର୍ଶାଇବା ଆବଶ୍ୟକ ।

ପୂର୍ବରୁ ଏହି ବିଲ୍ ଆଗତ କରି ମନ୍ତ୍ରୀ ଶ୍ରୀ ରିଜିଜୁ କହିଥିଲେ ଯେ ଏହା ମୁସଲମାନମାନଙ୍କ ଧାର୍ମିକ ପ୍ରଥା ସହିତ ସମ୍ପର୍କିତ ନୁହେଁ । ଏହା କେବଳ ୱାକ୍‌ଅଫ୍ ବୋର୍ଡର ସମ୍ପତ୍ତି ସହିତ ଜଡିତ । ସେ କହିଛନ୍ତି ସରକାର ୱାକ୍‌ଅଫ୍ ବୋର୍ଡକୁ ଅଧିକ ସମାବେଶୀ ଏବଂ ଧର୍ମନିରପେକ୍ଷ କରିବାକୁ ଚେଷ୍ଟା କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଏହି ବିଧେୟକ ମସ୍‌ଜିଦ୍ ପରିଚାଳନା ପାଇଁ ଆଦୌ ଉଦ୍ଦିଷ୍ଟ ନୁହେଁ । ଅନ୍ୟପକ୍ଷରେ କାହାର ସମ୍ପତ୍ତି ଜବତ କରିବା ଲାଗି ଏହି ବିଧେୟକ ଉପସ୍ଥାପନ କରାଯାଇ ନାହିଁ ।

ସେ କହିଛନ୍ତି ବିଧେୟକରେ ଥିବା ବ୍ୟବସ୍ଥା ଅନୁଯାୟୀ ୱାକ୍‌ଅଫ୍ ବୋର୍ଡରେ ବିଭିନ୍ନ ମୁସଲମାନ ସମ୍ପ୍ରଦାୟର ମହିଳା ଅଣ ମୁସଲମାନ ଏବଂ ଅନ୍ୟମାନେ ପ୍ରତିନିଧି ରହିବେ । ବିରୋଧୀ ଦଳଗୁଡ଼ିକ ଏ ସମ୍ପର୍କରେ ମିଥ୍ୟା ତଥ୍ୟ ଦେଇ ଲୋକମାନଙ୍କୁ ବିଭ୍ରାନ୍ତ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଦେଶର କୌଣସି ସମ୍ପତ୍ତିକୁ ୱାକ୍‌ଅଫ୍ ସମ୍ପତ୍ତି ଘୋଷଣା କରିବାଭଳି କେତେକ ଆଇନ୍‌ର ଅପ ବ୍ୟବହାର କରାଯାଇ ଆସୁଥିଲା । ୨୦୧୩ ମସିହାରେ ୟୁପିଏ ଶାସନ ସମୟରେ ୱାକ୍‌ଅଫ୍ ଆଇନ୍‌ରେ ସଂଶୋଧନ କରାଯାଇ ଏଭଳି କରାଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି । କଂଗ୍ରେସ ଶାସନ ସମୟରେ ରାଜଧାନୀ ଦିଲ୍ଲୀରେ ୧୨୩ଟି ସମ୍ପତ୍ତିକୁ ୱାକ୍‌ଅଫ୍ ବୋର୍ଡକୁ ହସ୍ତାନ୍ତର କରାଯାଇଥିଲା; କିନ୍ତୁ ୱାକ୍‌ଅଫ୍ ସଂଶୋଧନ ସମୟରେ ଯୁଗ୍ମ ସଂସଦୀୟ କମିଟି ଏବଂ

ସରକାର ଏଥିସହ ଜଡିତ ବିଭିନ୍ନ ଅଂଶୀଦାରମାନଙ୍କ ସହ ବ୍ୟାପକ ବିଚାରବିମର୍ଷ କରିଥିଲେ । ବିଶ୍ୱରେ ଭାରତରେ ସର୍ବାଧିକ ଓ୍ୱାକ୍‌ଅଫ୍ ସମ୍ପତ୍ତି ରହିଥିବାବେଳେ ଭାରତୀୟ ମୁସଲମାନମାନେ କାହିଁକି ଗରିବ ବୋଲି ସେ ପ୍ରଶ୍ନ କରିଥିଲେ ।

ବିରୋଧୀଙ୍କ ପ୍ରଶ୍ନର ଜବାବରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଥିଲେ କ୍ୟାବିନେଟ୍‌ର ଅନୁମୋଦନ ଅନୁଯାୟୀ ଯୁଗ୍ମ ସଂସଦୀୟ କମିଟି ବିସ୍ତୃତ ଆଲୋଚନା ପରେ ଏହି ବିଲ୍ ଅଣାଯାଇଛି ।

ଆଲୋଚନା ଆରମ୍ଭ କରି କଂଗ୍ରେସ ସଦସ୍ୟ ଗୌରବ ଗୁଗେଇ, ସରକାର ଲୋକଙ୍କୁ ବିଭ୍ରାନ୍ତ କରୁଥିବା ଅଭିଯୋଗ କରିଥିଲେ । ସେ କହିଥିଲେ ଏହା ସମ୍ବିଧାନ ବିରୋଧୀ ଏବଂ ଏହି ବିଲ୍ ଜରିଆରେ ସରକାର ସମ୍ବିଧାନକୁ ଦୁର୍ବଳ କରିବା ସହ ସଂଖ୍ୟାଲଘୁମାନଙ୍କୁ ବଦନାମ କରିବାକୁ ଚାହୁଁଛନ୍ତି ଏବଂ ସାମାଜିକ ବ୍ୟବସ୍ଥାରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛନ୍ତି । କଂଗ୍ରେସ ଶାସନ ସମୟରେ ଦିଲ୍ଲୀରେ ୧୨୩ଟି ସମ୍ପତ୍ତି ଦିଲ୍ଲୀ ଓ୍ୱାକ୍‌ଅଫ୍ ବୋର୍ଡକୁ ହସ୍ତାନ୍ତର କରାଯାଇଥିବା ଅଭିଯୋଗକୁ ସେ ଖଣ୍ଡନ କରିଥିଲେ ।

ସମାଜବାଦୀ ପାର୍ଟି ସଦସ୍ୟ ଅଖିଳେଶ ଯାଦବ ଆଲୋଚନାରେ ଭାଗନେଇ ଅଭିଯୋଗ କରିଥିଲେ ଯେ ଦରବୃଦ୍ଧି, ବେକାରୀ, ବିମୁଦ୍ରାକରଣ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ସରକାର ବିଫଳତାକୁ ଲୁଚାଇବା ପାଇଁ ଏହି ବିଲ୍ ଆଣିଛନ୍ତି । ସେ ପ୍ରୟାଗରାଜ ମହାକୁମ୍ଭ ସମୟରେ ହୋଇଥିବା

ଦଳାଚକଟା ଏବଂ ମୃତ୍ୟୁସଂଖ୍ୟାକୁ ନେଇ ପ୍ରଶ୍ନ କରିଥିଲେ । ସେ କହିଥିଲେ ଓ୍ୱାକଅଫ୍ ସଂଶୋଧନ ବିଲ୍ ଭାରତର ଧର୍ମନିରପେକ୍ଷ ଭାବମୂର୍ତ୍ତିକୁ ପ୍ରଭାବିତ କରିବ ।

ତୃଣମୂଳକ କଂଗ୍ରେସ ସଦସ୍ୟ କଲ୍ୟାଣ ବାନାର୍ଜୀ ଓ୍ୱାକ୍ଅଫ୍ ସଂଶୋଧନ ବିଲ୍‌କୁ ଅଯୌକ୍ତିକ ଏବଂ ମନମୁଖୀ ବୋଲି କହିଥିଲେ । ମୁସଲମାନ ସମ୍ପ୍ରଦାୟର ଅଧିକାରକୁ ଏହି ବିଲ୍ ଜରିଆରେ କ୍ଷୁର୍ଣ୍ଣ କରାଯିବାକୁ ଚେଷ୍ଟା କରାଯାଉଛି ବୋଲି ସେ ଅଭିଯୋଗ କରିଥିଲେ । ଡିଏମ୍‌କେ ସଦସ୍ୟ ଏ. ରାଜା ଏହି ବିଧେୟକକୁ ଅସାମ୍ବିଧାନିକ ଏବଂ ସଂଖ୍ୟାଲଘୁ ବିରୋଧୀ ବୋଲି କହିଛନ୍ତି । ଏହି ବିଲ୍ ମୁସଲମାନମାନଙ୍କ ପାଇଁ କ୍ଷତି ସୃଷ୍ଟି କରିବ ବୋଲି ସେ ଅଭିଯୋଗ କରିଥିଲେ ।

ବିତର୍କରେ ଭାଗନେଇ ବିଜେପିର ରବିଶଙ୍କର ପ୍ରସାଦ କହିଛନ୍ତି ଭାରତ ଉଭୟ ହିନ୍ଦୁ ଏବଂ ମୁସଲମାନ ସମ୍ପ୍ରଦାୟର ଏବଂ ଏଥିରେ କୌଣସି ସନ୍ଦେହ ନାହିଁ । ସେ କହିଥିଲେ ଏହି ବିଧେୟକ ଓ୍ୱାକ୍ଅଫ୍ ସମ୍ପତ୍ତିର ସୁରକ୍ଷା ଏବଂ ଅବହେଳିତ ସମ୍ପ୍ରଦାୟର ଉନ୍ନତି ପାଇଁ ଅନେକଗୁଡ଼ିଏ ସଂଶୋଧନକୁ ମଞ୍ଜୁର କରିଛି । ଓ୍ୱାକ୍ଅଫ୍ ସମ୍ପତ୍ତି ପରିଚାଳନାରେ ସ୍ୱଚ୍ଛତା ବଜାୟ ରଖିବା ଏବଂ ଲିଙ୍ଗଗତ ନ୍ୟାୟ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଓ୍ୱାକ୍ଅଫ୍ ବୋର୍ଡରେ ମହିଳାମାନଙ୍କୁ ଅନ୍ତର୍ଭୁକ୍ତ କରିବାକୁ ପ୍ରସ୍ତାବ ରହିଛି ।

ଟିଡିପି ସଦସ୍ୟ କୃଷ୍ଣପ୍ରସାଦ ଟେନେଟି ଏହି ବିଲ୍‌କୁ ସମର୍ଥନ କରି କହିଛନ୍ତି ଏହି ବିଲ୍ ଜରିଆରେ ୧ ଦଶମିକ ୨ ଲକ୍ଷ କୋଟି ଟଙ୍କାର ୱାକ୍‌ଅଫ୍ ସମ୍ପତ୍ତି ଏବଂ ୩୬ଲକ୍ଷ ଏକରରୁ ଅଧିକ ଜମି ସଂଖ୍ୟାଲଘୁଙ୍କ ପାଇଁ ଅର୍ଥନୈତିକ ଏବଂ ସାମାଜିକ ପରିବର୍ତ୍ତନର ସୁଯୋଗ ପ୍ରଦାନ କରାଯାଉଛି । ସେ କହିଛନ୍ତି ପୂର୍ବରୁ ୱାକ୍‌ଅଫ୍ ସମ୍ପତ୍ତି ଗୁଡ଼ିକୁ ଖରାପ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଥିଲା । ସେ କହିଛନ୍ତି ତାଙ୍କ ଦଳ ଦ୍ୱାରା ପ୍ରସ୍ତାବିତ ସଂଶୋଧନକୁ ଏହି ବିଲ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି ।

ଆଲୋଚନାରେ ଜେଡିୟୁ ସଦସ୍ୟ ତଥା କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂହ, ସମାଜବାଦୀ ପାର୍ଟିର ମୋହିବୁଲ୍ଲା, ଶିବସେନାର ଶ୍ରୀକାନ୍ତ ସିନ୍ଦେ, ଶିବସେନା ୟୁବିଟିର ଅରବିନ୍ଦ ଶାୱନ୍ତ, ଏ.ଆଇ.ଏମ୍.ଆଇ.ଏମ୍‌ର ଅଶାଉଦ୍ଦୀନ ଓବେସି, କଂଗ୍ରେସର କେ.ସି. ବେଣୁଗୋପାଳ ଏବଂ ଇମ୍ରାନ ମାସୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଲୋକସଭାରେ ମଧ୍ୟ ମୁସଲମାନ ୱାକ୍‌ଅଫ୍ ରଦ୍ଦ ଆଇନ୍ ୨୦୨୪କୁ ମଞ୍ଜୁରୀ ମିଳିଥିବା ଜଣାପଡିଛି ।

## ପିଏମ୍ ଭିଜିଟ୍

ଷଷ୍ଠ ବିମ୍‌ଷ୍ଟେକ୍ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସକାଳେ ଦୁଇଦିନିଆ ଥାଇଲାଣ୍ଡ

ଗସ୍ତରେ ଯାଉଛନ୍ତି । ୨୦୧୬ ଏବଂ ୨୦୧୯ ପରେ ଏହା ପ୍ରଧାନମନ୍ତ୍ରୀଙ୍କ ଥାଇଲାଣ୍ଡକୁ ତୃତୀୟ ଗସ୍ତ ।

ଆଜି ବ୍ୟାଙ୍କକରେ ପ୍ରଧାନମନ୍ତ୍ରୀ ମୋଦୀ ଥାଇଲାଣ୍ଡର ପ୍ରଧାନମନ୍ତ୍ରୀ ସିନାୱାତ୍ରାଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ଏଥିରେ ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ କ୍ଷେତ୍ର ଉପରେ ହୋଇଥିବା ଅଗ୍ରଗତିର ସମୀକ୍ଷା କରାଯିବ । ଉଭୟ ନେତା ଭାରତ-ଥାଇଲାଣ୍ଡ ଦ୍ୱିପାକ୍ଷିକ ଭାଗିଦାରୀକୁ ଅଧିକ ତ୍ୱରାନ୍ୱିତ କରିବା ଏବଂ ଆଞ୍ଚଳିକ ଓ ବିଶ୍ୱ ପ୍ରସଙ୍ଗ ଉପରେ ମତ ବିନିମୟ କରିବେ । ଏହାବ୍ୟତୀତ ଆଜି ମଧ୍ୟ ଥାଇଲାଣ୍ଡ ସହ କେତେକ ଦ୍ୱିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷର ହେବାର କାର୍ଯ୍ୟକ୍ରମ ରହିଛି ।

ଆସନ୍ତାକାଲି ଷଷ୍ଠ ବିମ୍‌ଷ୍ଟେକ୍ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାଗନେବେ । ଚଳିତବର୍ଷ ଏହି ସମ୍ମିଳନୀର ବିଷୟବସ୍ତୁ ରହିଛି 'ସମୃଦ୍ଧ, ସହନଶୀଳତା ଏବଂ ମୁକ୍ତତା' । ଏହି ଶିଖର ସମ୍ମିଳନୀରେ ବ୍ୟାଙ୍କକ ଭିଜନ ୨୦୩୦କୁ ଗ୍ରହଣ କରାଯିବ ଏବଂ ବିମ୍‌ଷ୍ଟେକର ଭବିଷ୍ୟତ ଦିଗ ନିର୍ଦ୍ଧାରଣ ପାଇଁ ସ୍ୱତନ୍ତ୍ର ଗୋଷ୍ଠୀର ରିପୋର୍ଟକୁ ମଧ୍ୟ ଅନୁମୋଦନ କରାଯିବ । ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ସେଠାକାର ନେତୃବୃନ୍ଦଙ୍କ ସହ ସାକ୍ଷାତ୍ ଆଲୋଚନା କରିବେ ।

ସେଠାରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆସନ୍ତାକାଲି ତିନିଦିନିଆ ଶ୍ରୀଲଙ୍କା ଗସ୍ତରେ ଯିବେ । ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରାକୁମାରା ଦିଶାନାୟକେଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ଏହି ଗସ୍ତ କରୁଥିବା ଜଣାପଡିଛି ।

## ପ୍ରେସିଡେଣ୍ଟ – ପର୍ତ୍ତୁଗାଲ୍ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୭ ତାରିଖରୁ ଚାରିଦିନିଆ ପର୍ତ୍ତୁଗାଲ୍ ଓ ସ୍ଲୋଭାକିଆ ଗସ୍ତରେ ଯିବେ । ଗସ୍ତ ଅବସରରେ ରାଷ୍ଟ୍ରପତି ପର୍ତ୍ତୁଗାଲ୍‌ର ରାଷ୍ଟ୍ରପତି ମାର୍ଶେଲୋ ରିବେଲୋ ଡି ସୌଜାଙ୍କ ସହ ପ୍ରତିନିଧିସ୍ତରୀୟ ଆଲୋଚନା କରିବେ । ଶ୍ରୀମତୀ ମୁର୍ମୁ ପର୍ତ୍ତୁଗାଲ୍‌ର ପ୍ରଧାନମନ୍ତ୍ରୀ ଲୁଇସ୍ ମଣ୍ଟେନେଗ୍ରୋ ଓ ଜାରତୀୟ ଆସେମ୍ବ୍ଲିର ଅଧ୍ୟକ୍ଷ ଜୋସ୍ ପେଡ୍ରୋ ଆଗ୍ୱିୟାର ବ୍ରାଙ୍କୋଙ୍କୁ ମଧ୍ୟ ସାକ୍ଷାତ୍ କରିବାର କାର୍ଯ୍ୟକ୍ରମ ରହିଛି ।

୨୭ ବର୍ଷ ପରେ କୌଣସି ଭାରତୀୟ ରାଷ୍ଟ୍ରପତି  ପର୍ତ୍ତୁଗାଲ୍ ଗସ୍ତ କରିବେ । ପର୍ତ୍ତୁଗାଲ୍ ଗସ୍ତ ଶେଷ କରି ଶ୍ରୀମତୀ ମୁର୍ମୁ ଆସନ୍ତା ୯ ତାରିଖରେ ଦୁଇଦିନ ପାଇଁ ସ୍ଲୋଭାକିଆ ଯିବେ । ସେଠାରେ ଶ୍ରୀମତୀ ମୁର୍ମୁ ସ୍ଲୋଭାକିଆ ରାଷ୍ଟ୍ରପତି ପିଟର ପେଲେଗ୍ରିନି ଏବଂ ପ୍ରଧାନମନ୍ତ୍ରୀ ରବର୍ଟ ଫିକୋଙ୍କ ସହ ସାକ୍ଷାତ୍ ଆଲୋଚନା କରିବେ । ସେ ମଧ୍ୟ ସ୍ଲୋଭାକିଆ ଜାତୀୟ ପରିଷଦର ବଚସ୍ପତିଙ୍କୁ ସାକ୍ଷାତ୍ କରିବେ । ୨୯ ବର୍ଷ ପରେ ଭାରତୀୟ ରାଷ୍ଟ୍ରପତି ଭାବେ ଶ୍ରୀମତୀ ମୁର୍ମୁ ସ୍ଲୋଭାକିଆ ଗସ୍ତ କରୁଛନ୍ତି ।

## ଜେ.କେ. - ଶାହା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆସନ୍ତା ୭ ଓ ୮ ତାରିଖରେ ଜାମ୍ମୁକାଶ୍ମୀର ଗସ୍ତରେ ଯାଇ ସୁରକ୍ଷା ସ୍ଥିତିର ସମୀକ୍ଷା କରିବେ । ଏହି ଅବସରରେ ଶ୍ରୀ ଶାହାଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହେବା ସହ ପରିସ୍ଥିତି ନେଇ ବିସ୍ତୃତ ଆଲୋଚନା କରାଯିବ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଶାହା ପୋଲିସ୍, କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ବାହିନୀ ଏବଂ ଗୁଇନ୍ଦା ସଂସ୍ଥାର ବରିଷ୍ଠ ଅଧିକାରୀମାନଙ୍କ ସହ ଏହି ବୈଠକରେ ମତ ବିନିମୟ କରିବେ । ଆତଙ୍କବାଦ ବିରୋଧୀ ଅଭିଯାନ, ସୀମା ପାର ଅନୁପ୍ରବେଶ ଏବଂ ଜାମ୍ମୁ କାଶ୍ମୀରର ସାମଗ୍ରିକ ସୁରକ୍ଷା ଉପରେ ବୈଠକରେ ଆଲୋଚନା ହେବାର ଆଶା କରାଯାଉଛି । ଏହି ଗସ୍ତ ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଆନ୍ତର୍ଜାତିକ ସୀମାର ଆଗୁଆ ଅଞ୍ଚଳ ଗସ୍ତ କରି ସୁରକ୍ଷା ବ୍ୟବସ୍ଥାର କ୍ଷେତ୍ରୀୟ ସମୀକ୍ଷା କରିବାର କାର୍ଯ୍ୟସୂଚୀ ରହିଛି ।

## ଆଇପିଏଲ୍

ଆଇପିଏଲ୍ ଟି-୨୦ କ୍ରିକେଟରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଗୁଜୁରାଟ ଟାଇଟନ୍ସ ୮ ୱିକେଟରେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁକୁ ପରାସ୍ତ କରିଛି । ଏନ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ନିର୍ଦ୍ଧାରିତ ୨୦

ଓଭରରେ ୮ ଓ୍ୱିକେଟ୍ ବିନିମୟରେ ଶହେ ଅଣସ୍ତରୀ ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ଗୁଜୁରାଟ ଟାଇଟନ୍ସ ୧୭ ଓଭର ୫ଟି ବଲ୍‌ରେ ୨ ଓ୍ୱିକେଟ୍ ବିନିମୟରେ ୧୭୦ରନ୍ ସ୍କୋର କରିଥିଲା । ଆଜି ସଂଧ୍ୟାରେ କୋଲକାତାର ଇଡେନ ଗାର୍ଡେନ୍‌ରେ କୋଲକାତା ନାଇଟ୍ ରାଇଡର୍ସ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦର ମୁକାବିଲା ହେବ ।